# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା -୧୧୩୧୦ ତା ୧୬.୦୫.୨୦୧୫ ରିଖ

ପ୍ରାପ୍ତେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା, ଭୁବନେଶ୍ୱର

ବିଷୟ :- ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଣ୍ଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ ନିର୍ବାଚନ ବୈଠକ ତା ୧୫.୦୫.୨୦୧୫ ରିଖ ବିବରଣୀ ପ୍ରେରଣ ସମ୍ବନ୍ଧେ ।

ମହାଶୟ/ମହାଶୟା,

ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଣ୍ଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ ନିର୍ବାଚନ ବୈଠକ ତା ୧୫.୦୫.୨୦୧୫ ରିଖ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

16/5/15
ସଚିବ
ଭୁବନେଶ୍ୱର ମହାନଗର ନିଗମ
16.5.15

ସଂଲଗ୍ନକ - ଉପରବର୍ଣ୍ଣିତ ମତେ,

ଜ୍ଞାପକ ସଂଖ୍ୟା- ୧୧୩୧୧ ତା ୧୬.୦୫.୨୦୧୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡେପୁଟି ମେୟର/ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

16/5/15
ସଚିବ
ଭୁବନେଶ୍ୱର ମହାନଗର ନିଗମ
16.5.15

ଜ୍ଞାପକ ସଂଖ୍ୟା- ୧୧୩୧୨ ତା ୧୬.୦୫.୨୦୧୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ ନିମନ୍ତେ ପ୍ରେରଣ କରାଗଲା ।

16/5/15
ସଚିବ
ଭୁବନେଶ୍ୱର ମହାନଗର ନିଗମ
16.5.15

ଜ୍ଞାପକ ସଂଖ୍ୟା- ୧୧୩୧୩ ତା ୧୬.୫.୨୦୧୫ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ଅଭିଯୋଗ ପ୍ରକୋଷ୍ଠ / ମ୍ୟୁନିସପାଲ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ /ଉପ ସଚିବ/ ନିର୍ବାହୀ ଯନ୍ତ୍ରୀ ଡିଭିଜନ ନଂ -୧/ନିର୍ବାହୀ ଯନ୍ତ୍ରୀ ଡିଭିଜନ ନଂ -୨/ D.C. Establishment/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ପୌର ମୁଖ୍ୟ ଚିକିତ୍ସାଧିକାରୀ/ ପରିସଂଖ୍ୟାନ ଅଧିକାରୀ / D.C.Project/ D.C. Recovery/ ସହକାରୀ ବିଧି ଅଧିକାରୀ/ D.C.I.T/ ଚିଫ୍ ଅଡିଟର / ମୁଖ୍ୟ ବିତ ଅଧିକାରୀ /ଏନ୍‌ଭିରନମେଂଟ ଅଧିକାରୀ /ମୁଖ୍ୟ ସହାୟକ ସମୂହ/ହିସାବ ରକ୍ଷକ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

16/5/15
ସଚିବ
ଭୁବନେଶ୍ୱର ମହାନଗର ନିଗମ
16.5.15

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ସ୍ଲମ ସେଟଲ୍‌ମେଣ୍ଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍ ନିର୍ବାଚନ ବୈଠକ ବିବରଣୀ

ତା ୧୫.୦୫.୨୦୧୫ ରିଖ

ସମୟ - ଅପରାହ୍ନ ଘ.୪.୦୦ ଟିକା

ସ୍ଥାନ - ନିଗମ ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା :-</u>

| | | |
|---|---|---|
| ୧. | ଶ୍ରୀ କୁମାରେନ୍ଦ୍ର ମହାପାତ୍ର | ୱାର୍ଡ଼ ନଂ-୩୧ |
| ୨. | ଶ୍ରୀମତୀ ଜ୍ୟୋସ୍ନାରାଣୀ ରାଉତରାୟ | ୱାର୍ଡ଼ ନଂ-୧୯ |
| ୩. | ଶ୍ରୀ ଅଶ୍ୱିନୀ କୁମାର ସୁନ୍ଦରାୟ | ୱାର୍ଡ଼ ନଂ-୪୯ |
| ୪. | ଶ୍ରୀମତୀ ଜ୍ୟୋସ୍ନାମୟୀ ଜେନା | ୱାର୍ଡ଼ ନଂ-୬୫ |
| ୫. | ଶ୍ରୀ ରଘୁନାଥ ମହାନ୍ତି | ୱାର୍ଡ଼ ନଂ-୬୩ |
| ୬. | ଶ୍ରୀ ସୁରେଶ ଚନ୍ଦ୍ର ଜେନା | ୱାର୍ଡ଼ ନଂ-୩୩ |
| ୭. | ଶ୍ରୀ ଶ୍ରୀଧର ବେହେରା | ୱାର୍ଡ଼ ନଂ-୫୨ |

ଅଦ୍ୟ ତା ୧୫.୦୫.୨୦୧୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଓଡ଼ିଶା ମହାନଗର ନିଗମ ଆଇନ୍-୨୦୦୩ର ଧାରା-୧୧ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମର ସ୍ଲମ ସେଟଲ୍‌ମେଣ୍ଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍ ନିର୍ବାଚନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତ ଅନନ୍ତ ନରାୟଣ ଜେନା ସଭାପତିତ୍ୱ କରିଥିଲେ ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ଆରମ୍ଭ ହେବା ପରେ ଶ୍ରୀ କୁମାରେନ୍ଦ୍ର ମହାପାତ୍ର କର୍ପୋରେଟର, ୱାର୍ଡ଼ ନଂ-୩୧ଙ୍କ ସପକ୍ଷରେ ଉପରୋକ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ ପଦବୀ ନିମନ୍ତେ ଶ୍ରୀମତୀ ଜ୍ୟୋସ୍ନାମୟୀ ଜେନା କର୍ପୋରେଟର, ୱାର୍ଡ଼ ନଂ-୬୫ ଙ୍କ ଦ୍ୱାରା ପ୍ରସ୍ତାବିତ ତଥା ଶ୍ରୀମତୀ ଜ୍ୟୋସ୍ନାରାଣୀ ରାଉତରାୟ କର୍ପୋରେଟର, ୱାର୍ଡ଼ ନଂ-୧୯ ଙ୍କ ଦ୍ୱାରା ସମର୍ଥିତ, ଶ୍ରୀ ସୁରେଶ ଚନ୍ଦ୍ର ଜେନା କର୍ପୋରେଟର, ୱାର୍ଡ଼ ନଂ-୩୩ ଙ୍କ ଦ୍ୱାରା ପ୍ରସ୍ତାବିତ ତଥା ଶ୍ରୀ ଶ୍ରୀଧର ବେହେରା କର୍ପୋରେଟର, ୱାର୍ଡ଼ ନଂ-୫୨ ଙ୍କ ଦ୍ୱାରା ସମର୍ଥିତ ଏବଂ ଶ୍ରୀ ଅଶ୍ୱିନୀ କୁମାର ସୁନ୍ଦରାୟ କର୍ପୋରେଟର, ୱାର୍ଡ଼ ନଂ-୪୯ ଙ୍କ ଦ୍ୱାରା ପ୍ରସ୍ତାବିତ ତଥା ଶ୍ରୀ ରଘୁନାଥ ମହାନ୍ତି କର୍ପୋରେଟର, ୱାର୍ଡ଼ ନଂ-୬୩ ଙ୍କ ଦ୍ୱାରା ସମର୍ଥିତ ହୋଇ ୩ (ତିନି) ଗୋଟି ମନୋନୟନ ପତ୍ର ପ୍ରାପ୍ତ ହୋଇଥିଲା । ଯାଂଚ୍ ପରେ ତାହା ଠିକ୍ ଥିବାର ଦେଖାଗଲା । କେବଳ ୩ (ତିନି) ଗୋଟି ମନୋନୟନ ପତ୍ର ଶ୍ରୀ କୁମାରେନ୍ଦ୍ର ମହାପାତ୍ରଙ୍କ ସପକ୍ଷରେ ମିଳିଥିବାରୁ ନିର୍ବାଚନର ଆବଶ୍ୟକତା ପଡ଼ିନଥିଲା । ତେଣୁ ଶ୍ରୀ କୁମାରେନ୍ଦ୍ର ମହାପାତ୍ର ଭୁବନେଶ୍ୱର ମହାନଗର ନିଗମର ସ୍ଲମ ସେଟଲ୍‌ମେଣ୍ଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍ ରୂପେ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି ସଭାପତି ଘୋଷଣା କରିଥିଲେ ।

ସର୍ବ ଶେଷରେ ଆଜିର ବୈଠକରେ ଉପସ୍ଥିତ ସମସ୍ତଙ୍କୁ ସଭାପତି ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଅପରାହ୍ନ ଘ.୫.୨୦ ମିନିଟ୍ ସମୟରେ ସାଙ୍ଗ କରାଯାଇଥିଲା ।

ସ୍ୱା/-ଅନନ୍ତ ନାରାୟଣ ଜେନା

ସଭାପତି

ତା ୧୫.୦୫.୨୦୧୫ ରିଖ